# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 5 September – 2026

************************************

## ମୁଖ୍ୟ ସମ୍ବାଦ

- ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ବିକଶିତ ଭାରତ ଗଠନ ସମ୍ଭବ କହିଲେ ରାଷ୍ଟ୍ରପତି: ୪୮ଜଣ ସ୍କୁଲ ଶିକ୍ଷକଙ୍କୁ ପ୍ରଦାନ କଲେ ଜାତୀୟ ଶିକ୍ଷକ ପୁରସ୍କାର
- ଏ.ଆଇ. ଓ ଡିଜିଟାଲ ପ୍ରଯୁକ୍ତିବିଦ୍ୟାରେ ବିଦ୍ୟାର୍ଥୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବୁଝାମଣାପତ୍ର ସ୍ୱାକ୍ଷରିତ
- କଟକରେ ଆରମ୍ଭ ହେଲା ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଏବଂ

- ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ଶୁଭଲଗ୍ନ ଧାର୍ଯ୍ୟ

# ଗୁରୁଦିବସ

ଭାରତବର୍ଷରେ ଗୁରୁଶିଷ୍ୟ ପରମ୍ପରା ତଥା ଗୁରୁଙ୍କ ମହତ୍ତ୍ୱକୁ ଉଜ୍ଜୀବିତ ରଖିବା ପାଇଁ ଆଜିର ଦିନକୁ ଗୁରୁଦିବସ ଭାବେ ପାଳନ କରାଯାଉଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ବିଶ୍ୱସ୍ତରୀୟ ଶିକ୍ଷାବ୍ୟବସ୍ଥା ମାଧ୍ୟମରେ ବିକଶିତ ଭାରତ ଗଠନ ସମ୍ଭବ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି। ଶିକ୍ଷକମାନେ ନିଜର ଜ୍ଞାନ, ସ୍ନେହ ଓ ସମର୍ପଣ ଭାବ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରେରଣା, ନୈତିକତା ଓ ସମ୍ବେଦନଶୀଳତା ସଞ୍ଚାର କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ୪୮ ଜଣ ସ୍କୁଲ ଶିକ୍ଷକ, ୨୧ ଜଣ ଉଚ୍ଚଶିକ୍ଷା ବିଭାଗ ଏବଂ ପଲିଟେକ୍‌ନିକ୍ ଅନୁଷ୍ଠାନର ଶିକ୍ଷକ ଏବଂ କେନ୍ଦ୍ର ଉଚ୍ଚଶିକ୍ଷା ବିଭାଗ ଅନୁଷ୍ଠାନର ୧୨ ଜଣ ଶିକ୍ଷକଙ୍କୁ ସମ୍ମାନିତ କରିଛନ୍ତି। ଏଥିରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଶିକ୍ଷକ ମହମ୍ମଦ ଜାଫର ଆଲମ୍ ଏବଂ ଜଗତସିଂହପୁର ଆଳିପିଙ୍ଗଳ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ସମ୍ମାନିତ ହୋଇଛନ୍ତି। ସମ୍ମାନିତ ହେବା ପରେ ଶ୍ରୀ ନାୟକ ପ୍ରତିକ୍ରିୟାରେ କହିଛନ୍ତି ।

**- V/O -**

BBSR

# ଗୁରୁଦିବସ-ମୁଖ୍ୟମନ୍ତ୍ରୀ

କେ.ଜିରୁ ପି.ଜି. ନିଶୁଳ୍କ ଶିକ୍ଷାରେ ଓଡିଶା ଦେଶରେ ପ୍ରଥମ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଆୟୋଜିତ ଗୁରୁଦିବସ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନିଜର ଭବିଷ୍ୟତ ଗଢିବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ ବନ୍ଧୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ ଏଥି ସହିତ ଶିକ୍ଷା କେବଳ ଜ୍ଞାନ ପ୍ରଦାନ ନୁହେଁ, ଏହା ମଣିଷ ଗଢିବାର ଏକ ମହାନ ପ୍ରକ୍ରିୟା । ଶିକ୍ଷକମାନେ ଏହି ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି । ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ସମଗ୍ର ଦେଶରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଶିଶୁବାଟିକାରୁ ଆରମ୍ଭ କରି ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷାକୁ ସାର୍ବଜନୀନ ନିଶୁଳ୍କ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶିକ୍ଷକଙ୍କ ଆଗାଧ ଜ୍ଞାନ, ଛାତ୍ରଛାତ୍ରୀଙ୍କ ପ୍ରତିଭା ଏବଂ ଜନସାଧାରଣଙ୍କ ମିଳିତ ସହଯୋଗରେ ଏକ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଓଡିଶା ଗଢିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

Desk

# ଗୁରୁଦିବସ–ବୁଝାମଣା

ରାଜ୍ୟର ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭର କରିବା ସହ ସୁଦୃଢ, ସମୃଦ୍ଧ, ସମାବେଶୀ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆଜି ଉଚ୍ଚ ଶିକ୍ଷା ବିଭାଗର ବିଭିନ୍ନ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉଚ୍ଚଶିକ୍ଷା ବିଭାଗ ଓ ଆଇବିଏମ୍-ସିଏସ୍ଆର୍ ବକ୍ସ ମଧ୍ୟରେ ହୋଇଥିବା ବୁଝାମଣାପତ୍ର ମାଧ୍ୟମରେ ରାଜ୍ୟର ୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କରାଯିବ। ବିଶେଷକରି ରାଜ୍ୟର ଉପାନ୍ତ ଓ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ୧୦୭ଟି ଉଚ୍ଚ ଶିକ୍ଷାନୁଷ୍ଠାନର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ସାମିଲ ହେବେ । ଓଡିଶାର ଯୁବପିଢିଙ୍କ ଦକ୍ଷତା ବିକାଶ, ଶିକ୍ଷାର ଗୁଣବତ୍ତା ଏବଂ ପ୍ରଶାସନିକ ସ୍ୱଚ୍ଛତାକୁ ଅଧିକ ସୁଦୃଢ କରିବା ଦିଗରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସୁରୂଜ କହିଛନ୍ତି

**- V/O -**

ଛାତ୍ରୀଙ୍କ ପାଇଁ ବିଶେଷ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲାଗି ଉଚ୍ଚଶିକ୍ଷା ବିଭାଗ ଓ ନନ୍ଦୀ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣା ହୋଇଛି। ସମସ୍ତଙ୍କ ପାଇଁ ଆଜି ମଧ ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ

ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ 'ପ୍ରଶ୍ନବ୍ୟାଙ୍କ ପୋର୍ଟାଲ'ର ଶୁଭାରମ୍ଭ ହୋଇଛି।

Cuttack

## ବିଜେପି ରାଜ୍ୟ କାର୍ଯ୍ୟକାରିଣୀ

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍ଡୋର ଷ୍ଟାଡିୟମଠାରେ ଆଜିଠାରୁ ଦୁଇଦିନିଆ ବିଜେପି'ର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଛି। ବୈଠକରେ ଦଳର ସାମ୍ପ୍ରତିକ ସ୍ଥିତି, ସାଂଗଠନିକ ଦକ୍ଷତା ଓ ସରକାରୀ ଯୋଜନାର ଫଳପ୍ରଦ ରୂପାୟନ ନେଇ ଆଲୋଚନା କରାଯାଉଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ, ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ରାଜ୍ୟ ପ୍ରଭାରୀଙ୍କ ସମେତ ଅନ୍ୟ ଶୀର୍ଷ ନେତୃତ୍ୱ ଯୋଗଦେଇଛନ୍ତି । କାର୍ଯ୍ୟକ୍ରମ ପରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି

**-V/O –**

Desk

## ପ୍ରକଳ୍ପ-ସମୀକ୍ଷା

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ  ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭିନ୍ନ ରାସ୍ତା ପ୍ରକଳ୍ପର ସମୀକ୍ଷା କରିଛନ୍ତି । ରଘୁନାଥପୁର-ତ୍ରିଶୁଳିଆ ଏବଂ ଷ୍ଟୁଡିଓ ଛକ-ନୂଆଗାଁ ଏଲିଭେଟେଡ ରାସ୍ତା, ଭୁବନେଶ୍ୱର ଆଉଟର ରିଂରୋଡ ପ୍ରକଳ୍ପର ନୂଆ ଆଲାଇନମେଣ୍ଟ ଓ କଳ୍ପନା ଛକ ଫ୍ଲାଏଓଭରର ଅଗ୍ରଗତି ନେଇ ବୈଠକରେ ଆଲୋଚନା କରାଯାଇଛି ।

PRO

## ଧର୍ମେନ୍ଦ୍ର ପ୍ରଧାନ-ପାଠ୍ୟକ୍ରମ ଶୁଭାରମ୍ଭ

ସମ୍ବଲପୁରସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରେସିଡେନ୍ସିଆଲ   ଇଣ୍ଟର୍ଣ୍ଣସିପ୍ ଆଣ୍ଡ ସ୍କିଲ ହବ୍ ଫର ଇଣ୍ଡଷ୍ଟ୍ରି-ରିସି ଭବନର ଭିତ୍ତିପ୍ରସ୍ତର ସ୍ଥାପନ ଓ ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଏହି କେନ୍ଦ୍ରରେ ଯୁବକଯୁବତୀମାନେ ପୁସ୍ତକଗତ ଜ୍ଞାନ ସହ ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ପ୍ରାକ୍ଟିକାଲ ପ୍ରଶିକ୍ଷଣ ଓ କାର୍ଯ୍ୟଦକ୍ଷତା ହାସଲ କରିପାରିବେ । ମୁକ୍ତ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ ପାଇଁ କୌଣସି ବୟସ କିମ୍ବା ଉଚ୍ଚଡିଗ୍ରୀର ଆବଶ୍ୟକତା ନାହିଁ । ଅଷ୍ଟମ ଶ୍ରେଣୀ ପଢିଥବା ଗ୍ରାମାଞ୍ଚଳ ବ୍ୟକ୍ତି ମଧ୍ୟ ଏଠାରେ ସ୍ୱଳ୍ପ ମିଆଦି କୋର୍ସ କରି ଶିକ୍ଷିତ ହୋଇପାରିବେ । ରିସି ପ୍ରକଳ୍ପ ଓଡିଶାର ଏକ କୋଟି

ଅମୃତ ପିଢିଙ୍କୁ ନିଯୁକ୍ତିଦାତାଭାବେ ଗଢି ତୋଳିବାରେ ଏକ ପ୍ରମୁଖ ସେତୁଭାବେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

Nabarangapur

## ସଚିବଙ୍କ ଜିଲ୍ଲା ପରିଦର୍ଶନ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପୁରନ୍ଦର ଧାରୁଆ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶ୍ରୀ ଧାରୁଆ ବିଭିନ୍ନ ଲାମ୍ପସର କାର୍ଯ୍ୟକାରିତା, କୃଷକ ପଞ୍ଜୀକରଣର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ସ୍ଥାନୀୟ କୃଷକମାନଙ୍କ ସହିତ ଆଲୋଚନା କରିଥିଲେ ।

Nabarangapur/ Malkangiri

## ଉଲ୍ଲାସ ସାକ୍ଷରତା ଅଭିଯାନ

ସମସ୍ତଙ୍କୁ ଶିକ୍ଷାର ମୁଖ୍ୟସ୍ରୋତ ସହିତ ଯୋଡିବା ଲକ୍ଷ୍ୟରେ **ଉଲ୍ଲାସ ସାକ୍ଷରତା ଅଭିଯାନ**’ ନବରଙ୍ଗପୁର ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଶୁଭାରମ୍ଭ କରିଥିଲେ । ଏଥିରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

ମାଲକାନଗିରି ଜିଲ୍ଲା ସିନ୍ଧରୀମାଳ ପିଏମଶ୍ରୀ ମାଧ୍ୟମିକ ବିଦ୍ୟାଳୟଠାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାକୁ ୨୦୨୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ସାକ୍ଷର ଜିଲ୍ଲା ଭାବେ ପରିଗଣିତ କରିବା   ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ କହିଥିଲେ ।

Nayagada

## ତାଲିମ ଶିବିର

ନୟାଗଡ ଜିଲ୍ଲା କାରାଗାର ପରିସରରେ ଅନ୍ତେବାସୀ ମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏକ ଦକ୍ଷତାଭିତ୍ତିକ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି । ଜିଲ୍ଲାପାଳ ମଧୁମିତା ରଥ କାର୍ଯ୍ୟକ୍ରମରେ ଯୋଗଦେଇ  ଆଗାମୀ ଦିନରେ ମୁକ୍ତ ହେବାକୁ ଥିବା ଅନ୍ତେବାସୀମାନଙ୍କୁ ନିଜର ଦକ୍ଷତା ପ୍ରତିପାଦିତ କରି ସ୍ୱାବଲମ୍ବୀ ହେବା ଉପରେ  କହିଥିଲେ ।

¨Subarnpur

## ନୂଆଖାଇ-ଲଗ୍ନଧାର୍ଯ୍ୟ

ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ଆଜି ଲଗ୍ନ ନିର୍ଦ୍ଧାରଣ ହୋଇଛି । ଆସନ୍ତା ୧୫ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଙ୍ଗଳବାରଦିନ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ଶୁଭଲଗ୍ନ ସ୍ଥିର ହୋଇଛି । ଏହି ସମୟ ମଧ୍ୟରେ ମା'ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି କରାଯିବ । ପରେ ପଶ୍ଚିମ ଓଡିଶାବାସୀ ନବାନ୍ନ ଭକ୍ଷଣ କରିବେ । ଧାର୍ଯ୍ୟ ହୋଇଥିବା ଲଗ୍ନ ପତ୍ରକୁ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ କମିଟି ସଦସ୍ୟ ଓ ମନ୍ଦିର ପୂଜକ ମା' ସମଲେଶ୍ୱରୀଙ୍କଠାରେ ପ୍ରଦାନ କରିବେ ।

**- V/O**

ସୁବର୍ଣ୍ଣପୁର ଜିଲ୍ଲା ସମେତ ବୌଦ୍ଧ ଜିଲ୍ଲାର ପଞ୍ଚରା ଅଞ୍ଚଳ ପାଇଁ ଆଜି ଲଗ୍ନ ସ୍ଥିର ହୋଇଛି । ଜିଲ୍ଲାର ରାଜବାଟୀ ପରିସରରେ ଥିବା ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପରେ ସାତଜଣିଆ ପଣ୍ଡିତ ମଣ୍ଡଳୀ ଆସନ୍ତା ୧୫ତାରିଖକୁ ଏହି ଲଗ୍ନ ଧାର୍ଯ୍ୟ କରିଛନ୍ତି ।

***Puri/ Nayagada***

# ନନ୍ଦୋତ୍ସବ

ପୁରୀ ଶ୍ରୀମନ୍ଦିରରେ ଆଜି ନନ୍ଦୋତ୍ସବ ନୀତି ପାଳିତ ହେଉଛି। ମହାଜନ ସେବାୟତ’ ରାମକୃଷ୍ଣଙ୍କୁ ଆଣି ଜଗମୋହନ ଦୋଳିରେ ଓ ଦକ୍ଷିଣଘରୁ ମଦନମୋହନଙ୍କୁ ଦୋଳିରେ ବିଜେ କରାଯାଇଛି। ମଇଲମ ଓ ଅନ୍ୟାନ୍ୟ ନୀତି ଶେଷ ହେବାପରେ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ନିକଟରେ ଷଠି ଓ ମାର୍କଣ୍ଡୀ ପୂଜା ଆଦି ନୀତି ଅନୁଷ୍ଠିତ ହୋଇଯାଇଛି।

ନୟାଗଡ ଜିଲ୍ଲାର ବିଭିନ୍ନ ଗ୍ରାମରେ ଥିବା ମନ୍ଦିରରେ ଆଜି ନନ୍ଦୋତ୍ସବ ପାରମ୍ପରିକ ରୀତିରେ ପାଳିତ ହେଉଛି । ଏହି ଅବସରରେ ସୁସଜ୍ଜିତ ବିମାନରେ କୃଷ୍ଣଙ୍କୁ ବିଜେ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା ।

*Desk*

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଉପକୂଳ ଓଡିଶାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।